ପାଠ-୯

# ସପନି ଅଜାଙ୍କ ସପନ ଦେଖା



ଶୀତ ରାତି । ଉଷୁମ ବିଛଣାରେ ସପନି ଅଜା ଖଟରେ ଶୋଇଥିଲେ । ସପନ ଦେଖିଲେ ହାତୀଟିଏ ଉଡୁଛି ଆକାଶରେ । ହାତୀଟା ଉଡ଼ି ଉଡ଼ି ଆସି ପଡ଼ିଲା ଶୋଇବାଘର ଉପରେ । ମଡ଼ମଡ଼ ହୋଇ ଘରଟା ଭୁଷୁଡ଼ି ପଡ଼ିଲା ।



ଭୁସ୍ କରି ହାତୀ ଆସି ପଡ଼ିଲା ଅଜାଙ୍କ ଉପରେ। ହାଉଳି ଖାଇ ଉଠିପଡ଼ିଲେ ଅଜା। ସପନ ଭାଜିଗଲା। ଦେଖିଲା ବେଳକୁ ଅଜା ପଡ଼ିଥିଲେ ଖଟ ତଳେ।



## ଅଭ୍ୟାସ

୧. ଆସ ପଢ଼ିବା ।

| | | | | |
|---|---|---|---|---|
| ହାଟ | ଶର | ନବ | ଜପ | ବରଷ |
| ବାଟ | ଆଗ | ଛାତ | ଛତା | ହରଷ |
| ପାଠ | ଶାଗ | କରତ | ଧର | ସରସ |

୨. ଆସ ଛବି କରିବା ।



ସାପ ଶର ଚଷମା ହାତ

୩. ଗଛ ମୂଳରେ ଥିବା ଅକ୍ଷରଗୁଡ଼ିକୁ ଗଛ ଉପରେ ଥିବା ଶବ୍ଦର ଏକାଭଳି ଅକ୍ଷର ସହିତ ଗାର ଟାଣି ଯୋଡ଼ିବା ।




୪. କ) ଛବିକୁ ଦେଖିବା, ସେଗୁଡ଼ିକୁ ସମ୍ପର୍କିତ ଋତୁଚିତ୍ର ସହିତ ଯୋଡ଼ିବା ।



ଖ) ଆସ କହିବା ।

- ଖରାଦିନେ ଢିଲା ପୋଷାକ ଆମେ କାହିଁକି ପିନ୍ଧୁ ?
- ଶୀତଦିନେ ଗରମ ପୋଷାକ କାହିଁକି ଦରକାର ?
- ବର୍ଷାଦିନେ ଛତା ଓ ବର୍ଷାତି ବ୍ୟବହାର ନ କଲେ କ'ଣ ଅସୁବିଧା ହେବ ?

୫. ମିନି ଓ କୁନା ଖେଳୁଥିଲେ ।

| | | | | | | | | | |
|---|---|---|---|---|---|---|---|---|---|
| ମିନି ଚଢ଼ିବା ପାହାଚ | ୧ | | | | | | | | ୯ |
| କୁନା ତଳକୁ ଯିବା ପାହାଚ | ୯ | | | | | | | | ୧ |



## ୬. ଖାଲି ଜାଗାରେ ସଂଖ୍ୟା ଲେଖିବା ।

 ଓ  ମିଶି 

______ଟି ପେନ୍ସିଲ୍

 ଓ  ମିଶି 

______ଟି ଅଣ୍ଡା

 ଓ  ମିଶି 

______ଟି କମଳା

## ୭. ଆସ ଆମେ ଗଣିବା ।

 ଓ  ମିଶି 

 ଓ  ମିଶି 

 ଓ  ମିଶି 

 ଓ  ମିଶି 

୮. ଆମେ ଏପରି ଲେଖିବା ।

| | | | | | |
|---|---|---|---|---|---|
| ୩ଟି |  | +୨ଟି |  | =୫ଟି |  |
| ୨ଟି |  | +୧ଟି |  | =୩ଟି |  |
| ୪ଟି |  | +୨ଟି |  | =୬ଟି |  |

୯. ଛବି ଦେଖି ଶବ୍ଦ ଲେଖିବା ଓ ସେହିପରି ଛବି କରିବା ।

 

 

 

 

୧୦. ପଢ଼ିବା ।

| | | | | | |
|---|---|---|---|---|---|
| ଛକ | ବଣ | ତର | କଳ | ନଳ | ପଦ |
| ଛକା | ବଣା | ତାରା | କଳା | ନଳା | ପଦା |

| | | | |
|---|---|---|---|
| ପତର | ବହଳ | ହଳହଳ | ଟହଟହ |
| ଅତର | ଗହଳ | କଳକଳ | ମହମହ |

୧୧. ଚିତ୍ର ଦେଖି କହିବା, ଗଛ ଲଗାଇଲେ କ'ଣ ଲାଭ ହୁଏ ?



## ୧୨. ଲେଖିବା ।



ବଳଦ — ଦ



ଗଛ — ଛ



ପତର — ତ



ପଣସ — ଣ



ନଳ — ଳ



କଲମ — ଲ



ଝର — ଝ

# ଶିକ୍ଷକ ଓ ଅଭିଭାବକଙ୍କ ପାଇଁ ସୂଚନା

- ଚିତ୍ର ଦେଖିବା ସହ ଶିକ୍ଷକ ଓ ପିଲାମାନେ ମିଶି ପାଠଟିକୁ ୨/୩ ଥର ପଢ଼ିବେ।
- ପଢ଼ିବାବେଳେ ଶ, ସ, ଷ ଓ ହ ଉଚ୍ଚାରଣ ଉପରେ ଗୁରୁତ୍ୱ ଦେବେ।
- ପୂର୍ବପରି ସମଗ୍ର ଗପ, ଅନୁଚ୍ଛେଦ, ଧାଡ଼ି, ଖଣ୍ଡବାକ୍ୟ, ଶବ୍ଦ (ପଦ), ଅକ୍ଷର, କ୍ରମରେ ଅକ୍ଷର ଚିହ୍ନିବା କାମ ହେବ।
- ବହିର ଅଭ୍ୟାସ କାମ ପୂର୍ବରୁ ଗପ ସମ୍ବନ୍ଧୀୟ କିଛି ପ୍ରଶ୍ନ ସାହାଯ୍ୟରେ ଆଲୋଚନା ହେବ। ଯେପରି ଉତ୍ତରରେ ଶ, ସ, ଷ ଓ ହ ଉଚ୍ଚାରଣ ଆସିବ। ଯଥା– କିଏ ଘୋଡ଼ି ହୋଇଛନ୍ତି ? ହାତୀ କେଉଁଠି ଉଡୁଛି ? ଘର ଉପରେ ହାତୀ ପଡ଼ିବାରୁ କ'ଣ ହେଲା ଇତ୍ୟାଦି।
- ଏହାପରେ ଗପ ଓ ଚିତ୍ର ଦେଖି ପିଲାମାନେ ମଧ୍ୟ କିଛି ପ୍ରଶ୍ନ ଶିକ୍ଷକଙ୍କୁ ପଚାରିବେ ଓ ଶିକ୍ଷକ ଉତ୍ତର ଦେବେ। (ପ୍ରତ୍ୟେକ ପିଲା ଉତ୍ତର ଦେବା ଓ ପ୍ରଶ୍ନ ପଚାରିବା ଆବଶ୍ୟକ)
- ଅଭ୍ୟାସ କାର୍ଯ୍ୟ ୮ ଓ ସେହିଭଳି ଅଧିକ ଅଭ୍ୟାସ ପରେ,

  ☐ + ☐ = ୭

  ଏହିପରି ମୁକ୍ତ ଉତ୍ତରମୂଳକ ପ୍ରଶ୍ନର ସମାଧାନ କାମ ଦେବା ଆବଶ୍ୟକ।
- ୨୦ ପିରିଅଡ଼ର ଏହି ପାଠରୁ ଶିକ୍ଷାର୍ଥୀଙ୍କ ସ, ଶ, ଷ ଓ ହ ଚିହ୍ନିବା ଓ ପଢ଼ିବା, ଦ, ଛ, ଡ, ଣ, ଳ, ଲ ଓ ୫ ଲେଖିବା, ୧ ରୁ ୯ ଊର୍ଦ୍ଧ୍ୱକ୍ରମ, ଅଧଃକ୍ରମରେ ଗଣିବା, ଯୋଗଫଳ '୯' ପାଇଁ ଦୁଇଟି ସଂଖ୍ୟାର ଯୋଗ କରିବା, '+' ଓ '=' ଚିହ୍ନର ବ୍ୟବହାର କରିବା, ଋତୁ ଅନୁଯାୟୀ ବିଭିନ୍ନ ପୋଷାକର ବ୍ୟବହାର ଦର୍ଶାଇବା ଇତ୍ୟାଦି ଦକ୍ଷତାର ବିକାଶ ହେବା ଆବଶ୍ୟକ।